



# ମାଲ୍ୟବନ୍ତିକା
# The Malyabantika


କୃଷି ବିଜ୍ଞାନ କେନ୍ଦ୍ର
ମାଲକାନଗିରି

ବାର୍ଷିକ ସମାଚାର ପତ୍ରିକା
Yearly Newsletter

Krishi Vigyan Kendra
Malkangiri

ଅଷ୍ଟଦଶ ବର୍ଷ ୨୦୨୪ | 18th Year 2024


## ସଂପ୍ରସାରଣ ଅଧକ୍ଷଙ୍କ ବାର୍ତ୍ତା...



ପାହାଡ଼, ଜଙ୍ଗଲରେ ପରିପୂର୍ଣ୍ଣ, ମାଲ୍ୟବନ୍ତ ପର୍ବତମାଳାର ପାଦଦେଶରେ ନଦନଦୀ ଘେରା ମାଲକାନଗିରି ଜିଲ୍ଲାର ସୁନ୍ଦର ପରିବେଶ ମଧ୍ୟରେ ସମନ୍ୱିତ କୃଷି ଓ ପ୍ରାକୃତିକ କୃଷିର ଚାହିଦା ଅତ୍ୟଧିକ ମାତ୍ରାରେ ଅଛି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ କୃଷକର ଉନ୍ନତି ନିମନ୍ତେ ସମସ୍ତ ଜ୍ଞାନକୌଶଳ କୃଷକଙ୍କୁ ପ୍ରଶିକ୍ଷଣ ତଥା କ୍ଷେତ ପରୀକ୍ଷଣ ଯୋଗାଇ ଦେଇ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାସ୍ତରରୁ ଗ୍ରାମ ପର୍ଯ୍ୟନ୍ତ କୃଷି ସହିତ ସଂଶ୍ଲିଷ୍ଟ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ କର୍ମକର୍ତ୍ତା ତଥା ଅନୁଷ୍ଠନକୁ ମଧ୍ୟ ନୂତନ ଜ୍ଞାନକୌଶଳ କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଇଥାଏ । ଏଗୁଡ଼ିକୁ ଆପଣେଇବା ଦ୍ୱାରା ଚାଷୀମାନେ କୃଷିରେ ଉନ୍ନତି କରିବା ସହ ସଫଳ ଉଦ୍ୟୋଗୀ ମଧ୍ୟ ହୋଇ ପାରୁଛନ୍ତି । ଦକ୍ଷତା-ବୃଦ୍ଧି ନିମନ୍ତେ ତାଲିମ୍ ପ୍ରଦାନ କରିବା, ବିଭିନ୍ନ କୃଷିଜାତ ସମସ୍ୟାକୁ ଅନୁଶୀଳନ କରି ସେଗୁଡ଼ିକର ପରିଚାଳନା ପାଇଁ ନୂତନ ଜ୍ଞାନକୌଶଳଗୁଡ଼ିକୁ ଚାଷୀ କ୍ଷେତରେ ପରୀକ୍ଷଣ କରିବା ତଥା ସଫଳ ପରିଚାଳନା ବିଧିଗୁଡ଼ିକୁ ନିର୍ଦ୍ଧାରଣ କରି ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ଜରିଆରେ ସେଗୁଡ଼ିକୁ ଅଧିକରୁ ଅଧିକ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ଆଦି ମୁଖ୍ୟ ଅଟେ । ତତ୍‌ସହିତ, କୃଷକ ମେଳା ଓ ପ୍ରଦର୍ଶନୀ, ସଚେତନତା କାର୍ଯ୍ୟକ୍ରମ, ଆଧୁନିକ ପରିସର ପରିଦର୍ଶନ, ବୈଜ୍ଞାନିକ ପୁସ୍ତିକା ବଣ୍ଟନ ଆଦି ଅନ୍ୟାନ୍ୟ ସଂପ୍ରସାରଣ କାର୍ଯ୍ୟକ୍ରମ ଗୁଡ଼ିକୁ ମଧ୍ୟ ବର୍ଷର ବିଭିନ୍ନ ସମୟରେ କୃଷି ବିଜ୍ଞାନ କେନ୍ଦ୍ର ସମ୍ପାଦିତ କରିଥାଏ ।

କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି ଦ୍ୱାରା ସମ୍ପାଦିତ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମର ବାର୍ତ୍ତାବାହକ ସମାଚାର ପତ୍ରିକା 'ମାଲ୍ୟବନ୍ତିକା'ର ପ୍ରକାଶନ ଅବସରରେ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି କେନ୍ଦ୍ରର ସମସ୍ତଙ୍କ କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଉଛି ।

ପ୍ରସନ୍ନଜିତ୍ ମିଶ୍ର

(ପ୍ରଫେସର ପ୍ରସନ୍ନଜିତ ମିଶ୍ର)
ଅଧକ୍ଷ, ସଂପ୍ରସାରଣ ନିର୍ଦ୍ଦେଶାଳୟ

## ପ୍ରମୁଖ ସମ୍ପାଦକଙ୍କ ଲେଖନୀରୁ...



କୃଷି ଓ କୃଷକମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ଆମ କେନ୍ଦ୍ର କୃଷି ତଥା ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଆଧୁନିକ ଜ୍ଞାନକୌଶଳର ସଂପ୍ରସାରଣ କରିବା ସହ କୃଷକମାନଙ୍କର ରୋଜଗାର ତଥା ଆୟକୁ ବଢ଼ାଇବାରେ ସକ୍ଷମ ହୋଇଛି । ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗ ସହ ମିଶି ବିଭିନ୍ନ ଜ୍ଞାନକୌଶଳର ପ୍ରଚାର ପ୍ରସାର କରିବ ସହିତ କୃଷକମାନଙ୍କର ନିରନ୍ତର ଉନ୍ନତି ନିମନ୍ତେ ଆମ କେନ୍ଦ୍ର ସଦାସର୍ବଦା ପ୍ରୟାସରତ । ଏହି ଜିଲ୍ଲାର କୃଷକମାନଙ୍କ ମଧ୍ୟରେ ପ୍ରାକୃତିକ କୃଷିର ଜ୍ଞାନକୌଶଳକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି । ନିଜର ପ୍ରଚେଷ୍ଟା ବଳରେ ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର ଜିଲ୍ଲାରେ ଛତୁଚାଷ, ମହୁମାଛି ପାଳନ, ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ତଥା ରଙ୍ଗୀନ କୁକୁଡ଼ା, ଗୁଣ୍ଡୁରି ଚଢ଼େଇ ଏବଂ ଟର୍କୀ କୁକୁଡ଼ା ପାଳନ କ୍ଷେତ୍ରରେ ଅନେକ ଚାଷୀ ଭାଇ ଓ ଭଉଣୀମାନଙ୍କୁ ସଫଳ ଉଦ୍ୟୋଗୀ କରିପାରିଛି । ଆହୁରି ମଧ୍ୟ, ଜିଲ୍ଲାରେ ଥିବା କୃଷକ ଉତ୍ପାଦକ ସଂଘ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି ଏବଂ ବିଭିନ୍ନ ସମସ୍ୟା ସମାଧାନ କରିବା ଉଦ୍ଦେଶ୍ୟ ନେଇ କୃଷି ବିଜ୍ଞାନ କେନ୍ଦ୍ର ଏକ ସ୍ୱତନ୍ତ୍ର ପ୍ରକଳ୍ପର ଯୋଜନା ପ୍ରସ୍ତୁତ କରିଛି । ଏହି ପ୍ରକଳ୍ପ ଦ୍ୱାରା ଉତ୍ପାଦକ ସଂଘ ତଥା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଯଥେଷ୍ଟ ଲାଭବାନ ହୋଇପାରିବେ ବୋଲି ମୋର ଆଶା ଓ ବିଶ୍ୱାସ । ସେହିପରି ଏହି ବର୍ଷ ଅନୁସୂଚିତ ଜାତି ଉପଯୋଜନା ଅନ୍ତର୍ଗତ ବିଭିନ୍ନ ବିକାଶୋନ୍ମୁଖି କାର୍ଯ୍ୟକ୍ରମ ଦ୍ୱାରା ଆମ କେନ୍ଦ୍ର ଜିଲ୍ଲାରେ ଅନେକ ସଫଳତା ମଧ୍ୟ ହାସଲ କରିପାରିଛି ।

କେନ୍ଦ୍ରର ବିଭିନ୍ନ ସଂପ୍ରସାରଣ କାର୍ଯ୍ୟକ୍ରମର ବାର୍ତ୍ତା ବହନ କରିଥିବା ବାର୍ଷିକ କୃଷି ସମାଚାର ପତ୍ରିକା 'ମାଲ୍ୟବନ୍ତିକା' ଆମ କେନ୍ଦ୍ରର ଦର୍ପଣ ସଦୃଶ । ଏହାର ପ୍ରକାଶନ ଅବସରରେ ମୁଁ ଅତ୍ୟନ୍ତ ଆନନ୍ଦ ଅନୁଭବ କରିବା ସହ ସମସ୍ତଙ୍କର ସହଯୋଗ ଓ ସଦିଚ୍ଛା କାମନା କରୁଛି ।

ଦେବୀପ୍ରସାଦ ଦାଶ

(ଡ. ଦେବୀ ପ୍ରସାଦ ଦାଶ)
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

## ଅକ୍ଷୟ ତୃତୀୟା ଉତ୍ସବ ପାଳନ

କୃଷି ବିଜ୍ଞାନ କେନ୍ଦ୍ରା ମାଲକାନଗିରି ଓ ସରକାରୀ ଜିଲ୍ଲା କୃଷି ବିଭାଗ ଦ୍ୱାରା ମିଳିତ ଭାବରେ ଅକ୍ଷୟ ତୃତୀୟ ଉତ୍ସବ ପାଳନ କରାଯାଇଅଛି। ଏହି ଉତ୍ସବରେ କୃଷି ବିଭାଗର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଏ.ଡି.ଏମ୍, ଜିଲ୍ଲାପାଳ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ଜଳ ବିଭାଜିକା, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଆମ



କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କ ସହ ଅନ୍ୟ ବୈଜ୍ଞାନିକମାନେ ଉପସ୍ଥିତ ରହି ଗତ ମେ ମାସ ୧୦ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ପ୍ରଦର୍ଶନ କ୍ଷେତ୍ରରେ ମିଳିତ ଭାବେ ଅକ୍ଷିମୁଠି ଅନୁକୁଳ କରିଥିଲେ। ଏହି ଉତ୍ସରେ କୃଷି ବିଜ୍ଞାନ କେନ୍ଦ୍ର ଅନ୍ତର୍ଗତ ଗ୍ରାମଗୁଡ଼ିକର କୃଷକ ଓ କୃଷିଜୀବୀ ମହିଳାମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ମୃତ୍ତିକା ଦିବସ ପାଳନ



ଚଳିତ ଡିସେମ୍ବର ୫ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ତାଲିମ କକ୍ଷରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା କୃଷି ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ଜଳଛାୟା ଉନ୍ନୟନ ଅଧିକାରୀ, ଜିଲ୍ଲା ସହଯୋଗୀ ମତ୍ସ୍ୟ ଅଧିକାରୀ, ଡିଆଇସି ମୁଖ୍ୟ, ସହଯୋଗୀ କୃଷି ଅଧିକାରୀ, ଆମ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ସମେତ ଅନ୍ୟ ସମସ୍ତ ବୈଜ୍ଞାନିକ ଉପଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ଉପଯୁକ୍ତ ନିରୀକ୍ଷଣ ଦ୍ୱାରା ଏକ ସୁସ୍ଥ ମୃତ୍ତିକା ଗଠନ, ପରୀକ୍ଷା ଓ ପର୍ଯ୍ୟବେକ୍ଷଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ବିଭାଗ ଦ୍ୱାରା କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଇଫକୋର କୃଷିରେ ବ୍ୟବହାର ହେଉଥିବା ତରଳ ସାରର ପ୍ରଦର୍ଶନ କରାଯାଇଥିଲା। ସର୍ବଶେଷରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଦେବୀ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ୧୯ବିଂଶତମ ବୈଜ୍ଞାନିକ ପରାମର୍ଶଦାତା ସମ୍ମିଳନୀ

ବିଗତ ବର୍ଷ ଡିସେମ୍ବର ମାସ ୧୬ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି ଦ୍ୱାରା ଆୟୋଜିତ ନିଜସ୍ୱ ସଭାଗୃହରେ ଉନବିଂଶତମ ବୈଜ୍ଞାନିକ ପରାମର୍ଶଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ହେମନ୍ତ କୁମାର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ଯାମି ସୂର୍ଯ୍ୟ ରାଓ, ମୁଖ୍ୟ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପାତ୍ର, ଜେନେରାଲ ମ୍ୟାନେଜର ଡିଆଇସି ଶ୍ରୀଯୁକ୍ତ ଜି. ମିଶ୍ର, ଏଡିଆର୍, ଆର୍ଆର୍ଟିଟିଏସ୍, ସିମିଳିଗୁଡ଼ା, ଡ. ପର୍ଶୁରାମ ସିଆଳ, ଡିଡିଏମ୍, ନାର୍ବାଡ ଶ୍ରୀଯୁକ୍ତ ଏସ୍.କେ. ମଲ୍ଲିକ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ମୁଖ୍ୟ ଜଳ ବିଭାଜିକା ଅଧିକାରୀ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, ନବରଙ୍ଗପୁର କୃଷି ବିଜ୍ଞାନ କେନ୍ଦ୍ର, ଏବଂ ବିଭିନ୍ନ ବେସରକାରୀ ସଂସ୍ଥାର ମୁଖ୍ୟମାନେ ଯୋଗ ଦେଇଥିଲେ। ଜିଲ୍ଲାର କ୍ଷେତ୍ର ପ୍ରଦର୍ଶିତ ଅଗ୍ରଣୀ କୃଷି ଓ କୃଷିଜୀବୀ ମହିଳାମାନେ ଯୋଗ ଦେଇ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନର ସଫଳତା ଓ କ୍ଷେତ୍ର ପରୀକ୍ଷଣର ଫଳାଫଳ ଆଲୋଚନାରେ ଭାଗ ନେଇଥିଲେ। ଏହି ସମ୍ମିଳନୀରେ କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରିର ଦାୟିତ୍ୱରେ ଥିବା ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସିଦ୍ଧାର୍ଥ କର ମୁଖ୍ୟ ଅତିଥି ଓ ସଭାପତିଙ୍କ ଅନୁମତିକ୍ରମେ ୨୦୨୨ ରବି ଓ ୨୦୨୩ ଖରିଫ୍ ଋତୁର ଫଳାଫଳ




ତଥା ୨୦୨୩-୨୪ର କାର୍ଯ୍ୟକ୍ରମ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ପ୍ରଦର୍ଶିତ, ସମ୍ପ୍ରସାରଣ ଓ ପରୀକ୍ଷଣ କାର୍ଯ୍ୟକ୍ରମକୁ ଉପସ୍ଥିତ ଅତିଥିମାନେ ବହୁ ପ୍ରଶଂସା କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ଅତିଥିମାନଙ୍କୁ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ।

## ସ୍ୱଚ୍ଛତା ହିଁ ସେବା-୨୦୨୪

କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି ଦ୍ୱାରା ଚଳିତ ବର୍ଷ ୨୦୨୪-୨୫ ମଧ୍ୟରେ ବିଭିନ୍ନ ପୌଷ୍ୟ ଗ୍ରାମ ଯଥା ଖଡ଼ିକାଯୋଡ଼ି, ପେଦାୱାଡ଼ା, ଏମ୍‌ଭି-୯, ଏମ୍‌ଭି-୦୧ ଗ୍ରାମରେ ୬୦ଜଣ କୃଷକ ଓ କୃଷିଜୀବୀ ମହିଳାଙ୍କ ପରିବାରଙ୍କୁ ଏକତ୍ରିତ କରି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏତଦ୍‌ବ୍ୟତୀତ ୨.୧୦.୨୦୨୪ ତାରିଖରେ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ



୪୦ଜଣ ଯୁବକ ଓ ଯୁବତୀଙ୍କୁ ନେଇ ଆମ କେନ୍ଦ୍ର, ଆନୁକୂଲ୍ୟରେ ଚାଷଜମିର ଆବର୍ଜନାକୁ ନେଇ ଖତ ପ୍ରସ୍ତୁତି ଓ ସବୁଜ ବାତାବରଣ ପାଇଁ ସ୍ୱଚ୍ଛତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କେନ୍ଦ୍ରର ମୁଖ୍ୟ ଡ. ସିଦ୍ଧାର୍ଥ କର ଆବର୍ଜନା ବସ୍ତୁକୁ ନେଇ କିପରି ଚାଷରେ ବ୍ୟବହାର କରାଯାଇପାରିବ ସେ ସମ୍ବନ୍ଧରେ ଜିଆଖାତ, ନାଡ଼େପ୍ ଖତ, ପିଟ୍ ଖତ / କମ୍ପୋଷ୍ଟ ପ୍ରସ୍ତୁତି ସମ୍ବନ୍ଧରେ ଅବଗତ କରାଇଥିଲେ।

## ପୋଷକ ଓ ପାକଶାଳା ବଗିଚା ସ୍ଥାପନ ପାଇଁ ପ୍ରୋତ୍ସାହନ



୨୦୨୩-୨୪ ମସିହାରେ କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି ଦ୍ୱାରା ଆଦିବାସୀ ଉପଯୋଜନା ଅନ୍ତର୍ଗତ ୨୦୦ ଆଦିବାସୀ ପରିବାରଙ୍କୁ ପୋଷକ ବଗିଚା ଓ ପାକଶାଳା ବଗିଚା ସ୍ଥାପନା କରି ଖାଦ୍ୟ ନିରାପତ୍ତା ରକ୍ଷା ପାଇଁ ବିଭିନ୍ନ ପନିପରିବା ଯଥା ଟମାଟୋ, ବାଇଗଣ, ଲଙ୍କା, ଝୁଡଙ୍ଗ, ବିନ୍ସ, କଲରା, କାକୁଡ଼ି, ଜହ୍ନି, କଖାରୁ, ଶାଗଜାତୀୟ ପନିପରିବା ଏବଂ ପୋଷକ ବଗିଚା ସୃଷ୍ଟି କରିବା ପାଇଁ ଅମୃତଭଣ୍ଡା, ସଜନାଆଦିର ଚାରା ବଣ୍ଟନ କରାଯାଇଅଛି । ମାଲକାନଗିରି ଜିଲ୍ଲାର ୧୫ଟି ଆଦିବାସୀ ଓ ଅନୁନ୍ନତ ଗ୍ରାମ ଯଥା ଖଡ଼ିକାଯୋଡ଼ି, ବାଡ୍ରିଆଟାଲ, ତାମସା, ବଇଲାପାରି, ଦରିଗୁଡ଼ା, ପୁଷ୍ପାଲି କଲୋନି, ମୁଣ୍ଡାଗୁଡ଼ା, ପ୍ରଧାନିଗୁଡ଼ା ଆଦିରେ ପୋଷକ ବଗିଚା ଓ ପାକଶାଳା ବଗିଚା ଦ୍ୱାରା ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ନିରାପତ୍ତା ହୋଇପାରିବ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ମତ ପ୍ରକାଶ କରିଛନ୍ତି ।




## କ୍ଷେତ୍ର ପ୍ରଦର୍ଶନ: ଧାନ ଫସଲରେ କାଣ୍ଡବିନ୍ଧା ପୋକ



ବର୍ଷ ୨୦୨୩ ଅନ୍ତର୍ଗତ ମାଲକାନଗିରି ଜିଲ୍ଲାରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଧାନ ଫସଲରେ କାଣ୍ଡବିନ୍ଧା ପୋକ ପରିଚାଳନା ସମ୍ବନ୍ଧୀୟ ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ୧୦ଜଣ ଅଗ୍ରଣୀ ଧାନ ଚାଷୀଙ୍କୁ ଉପଯୁକ୍ତ ଜ୍ଞାନକୌଶଳ ପ୍ରଦାନ କରି ଧାନ ଫସଲରେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ପାଇଁ କ୍ଲୋରାନ୍‌ଟ୍ରାନିଲ୍‌ପ୍ରୋଲ୍ କିଗ୍ରା ପ୍ରତି ୧ ମି.ଲି. ପ୍ରୟୋଗ କରି ବିହନ ବିଶୋଧନ କରାଯାଇଥିଲା । ଏହା ପୂର୍ବରୁ କୃଷକମାନେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଟ୍ରାଇଜୋଫସ୍+ଡେଲ୍‌ଟାମିଥ୍ରିନ୍ ଲିଟର ପ୍ରତି ୨ମିଲି ପାଣିରେ ମିଶାଇ ପତ୍ର ସିଞ୍ଚନ କରୁଥିଲେ ମଧ୍ୟ ଏହି ପୋକର ନିୟନ୍ତ୍ରଣ ସଠିକ୍ ଭାବରେ ହୋଇପାରୁ ନଥିଲା ଏବଂ ପାଖାପାଖି ୪୨ ପ୍ରତିଶତ ଧାନ ଫସଲରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ଯୋଗୁ ଅମଳ ହ୍ରାସ ପାଇଥିଲା । ଆମ କେନ୍ଦ୍ର ଦ୍ୱାରା ପ୍ରଦର୍ଶିତ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଧାନ ଅମଳ ୬.୬୮% ବୃଦ୍ଧି ହୋଇ ହେକ୍ଟର ପ୍ରତି ୪୧.୫ କୁଇଣ୍ଟାଲ (ଏମ୍.ଟି.ୟୁ-୧୦୦୧ କିସମ) ଧାନ ଅମଳ ହୋଇପାରିଛି । ଏହି କ୍ଷେତ୍ର ପ୍ରଦର୍ଶନ ଦ୍ୱାରା ପାଖାପାଖି ଗ୍ରାମ ଏମ୍.ପି.ଭି-୦୧, ଖଡ଼ିକାଯୋଡ଼ି ଆଦିର ଚାଷୀମାନେ ଉକ୍ତ କୌଶଳକୁ ବ୍ୟବହାର କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।

## ପରିପରିବା ଫସଲରେ ରୋଗ ପୋକ ପରିଚାଳନା



ଆର୍ଥିକ ଅଭିବୃଦ୍ଧି ପାଇଁ ପନିପରିବା ଚାଷ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ରୋଗପୋକ ଆକ୍ରାନ୍ତ ଦ୍ୱାରା ପାଖାପାଖି ୪୦% ପନିପରିବା ଅମଳ ହ୍ରାସ ପାଇଥାଏ । ମାଲକାନଗିରି ଜିଲ୍ଲାରେ ବାଇଗଣ ଫସଲର କାଣ୍ଡବିନ୍ଧା ପୋକ ଆକ୍ରାନ୍ତ ଦ୍ୱାରା ଅମଳ ହ୍ରାସ ସହିତ ବଜାର ଦର କମ୍ ହୋଇଥାଏ । ଆମ କେନ୍ଦ୍ର ଦ୍ୱାରା ବାଇଗଣ ଫସଲରେ ଆଧୁନିକ ଓ ସ୍ୱଳ୍ପ ପରିମାଣର ଉତ୍କୃଷ୍ଟ କୀଟନାଶକ ଫ୍ଲୁବେଣ୍ଡିଆମାଇଡ୍ ଓ ରିନାକ୍ସିପାଇର୍ ୦.୨୫ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ଦଶ ଦିନ ଅନ୍ତରାଳରେ ଦୁଇଥର ପତ୍ର ଓ ମୃତ୍ତିକା ସିଞ୍ଚନ ଦ୍ୱାରା ବାଇଗଣ ଫସଲର କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ ସହିତ ୪୯.୫୮% ଅମଳ ବୃଦ୍ଧି କରାଯାଇ ହେକ୍ଟର ପ୍ରତି ୨୩୨.୬ କୁଇଣ୍ଟାଲ ବାଇଗଣ ଅମଳ କରାଯାଇ କରାଯାଇପାରିଛି । ଏହାଛଡ଼ା ପୋଟଳ ଫସଲରେ ଲାଗୁଥିବା ପତ୍ରପୋଡ଼ା ଓ କାଣ୍ଡପଚା ରୋଗ ଦ୍ୱାରା ଅମଳ ହ୍ରାସକୁ ନିୟନ୍ତ୍ରଣ କରିବା ପାଇଁ ଉତ୍କୃଷ୍ଟ କବକ ନାଶୀ ହେକ୍ସାକୋନାଜଲ୍ ୨ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ପତ୍ର ଓ ମୃତ୍ତିକା ସିଞ୍ଚନର କ୍ଷେତ୍ର ପ୍ରଦନର୍ଶନ ଦ୍ୱାରା ପୋଟଳ ଫସଲର ଅମଳ ୯.୪୩% ବୃଦ୍ଧି ହୋଇ ହେକ୍ଟର ପ୍ରତି ୨୯୫.୭ କୁଇଣ୍ଟାଲ ଅମଳ ହୋଇପାରିଛି । ଏମ୍.ପି.ଭି-୦୧ ଗ୍ରାମରେ ଦୀପାଙ୍କର ମଣ୍ଡଳଙ୍କ ଜମିରେ ଏହି ସଫଳ କୃଷି ପ୍ରଣାଳୀ ପ୍ରଦର୍ଶନଟି ଉତ୍ସାହ ସୃଷ୍ଟି କରିଛି ।

## କଳିଙ୍ଗ ରାଜ ମକା କିସମର ସଫଳ କ୍ଷେତ୍ର ପ୍ରଦର୍ଶନ



କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି ତରଫରୁ ମକା ଫସଲର କ୍ଷେତ୍ର ପ୍ରଦର୍ଶନ ଓ ମୁଖ୍ୟମନ୍ତ୍ରୀ ମକା ମିଶନ ହିତାଧିକାରୀଙ୍କୁ ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରାଯାଇଅଛି । କେନ୍ଦ୍ରର ପୌଷ୍ୟ ଗ୍ରାମ ଏମ୍.ପି.ଭି-୧, ଏମ୍.ଭି.-୯, ସିନ୍ଧ୍ରିମାଲ, କାଦବାହାଲ, ଖଡ଼ିକାଯୋଡ଼ି, ପଦରପାଲି, ରଙ୍ଗମାଟିଗୁଡ଼ା, ମମ୍.ଭି-୦୩, ଦରିଗୁଡ଼ା, ଖଲିଗୁଡ଼ି ଆଦି ଗ୍ରାମରେ ୨୫ ହେକ୍ଟର ଜମିରେ ମକାଚାଷ କରି କୃଷକମାନେ ଉପକୃତ ହୋଇପାରିଛନ୍ତି । ଏହା ବ୍ୟତୀତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସିଦ୍ଧାର୍ଥ କର ଜିଲ୍ଲାରେ ଚାଲୁଥିବା ମୁଖ୍ୟ ମନ୍ତ୍ରୀ ମକା ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ମାଥିଲି, ଖଇରିପୁଟ, ଚିତ୍ରକୋଣ୍ଡା, କୋରୁକୁଣ୍ଡା ଆଦି ବ୍ଲକ୍‌ର ୨୨୦ଜଣ ମକାଚାଷୀଙ୍କୁ ତାଲିମ୍ ମାଧ୍ୟମରେ ବୈଷୟିକ ଜ୍ଞାନକୌଶଳ ଯଥା ବିହନ ବିଶୋଧନ, ଲଗାଇବା ପ୍ରଣାଳୀ, ଘାସ ନିୟନ୍ତ୍ରଣ, ଅନ୍ତଃ ଫସଲ, ଖାଦ୍ୟସାର, ରୋଗ-ପୋକ ପରିଚାଳନା ଓ ଚାଷରୁ ଲାଭ କ୍ଷତି ସମ୍ବନ୍ଧରେ ଜ୍ଞାନକୌଶଳ ପ୍ରଦାନ କରିଥିଲେ । ଜିଲ୍ଲାର ବେସରକାରୀ ସଂସ୍ଥା ଯଥା ପରିବର୍ତ୍ତନ, ମହିଳା ଓ ଶିଶୁ ବିକାଶ ସଂସ୍ଥାନ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ମକା ଚାଷର ଅମଳ ବୃଦ୍ଧି ଓ ଜ୍ଞାନକୌଶଳର ପ୍ରସାର ହୋଇପାରିଛି ।

## କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ମଧୁର ମକା, ଅଦିନିଆ ଫୁଲକୋବି ଓ ପିଆଜ ଚାଷର ପ୍ରୋତ୍ସାହନ



କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚଳିତବର୍ଷ ଜିଲ୍ଲାର ଆଦିବାସୀ କ୍ଷୁଦ୍ର ଓ ନାମମାତ୍ର କୃଷକ ଓ କୃଷିଜୀବୀ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଉଦ୍ୟାନ କୃଷି ବିଭାଗ ଅନ୍ତର୍ଗତ ମଧୁର ମକା, ଅଦିନିଆ ଫୁଲକୋବି ଓ ପିଆଜର ଉନ୍ନତ କିସମ ଯଥା ଭିମା ଶକ୍ତି ଓ ଭିମା ଡାର୍କରେଡ୍ କିସମର କ୍ଷେତ୍ରପରୀକ୍ଷଣ ଓ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲାର ଆଦିବାସୀ ଗ୍ରାମ ଯଥା ତଣ୍ଡାପାଲୀ, ବାଗାମ୍, ଏମ୍.ଭି.-୪୭, ବାତ୍ରିଆଟାଲ୍, ନୂଆଗୁଡ଼ା, ବାହାଲଗୁଡ଼ା ଆଦି ଗ୍ରାମଗୁଡ଼ିକରେ କେନ୍ଦ୍ର ତରଫରୁ ବିହନ, ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରାଯାଇଅଛି। ନୂତନ ଫସଲ ଓ ଚାଷ ପ୍ରଣାଳୀ କୃଷକମାନଙ୍କ ମନରେ ବେଶ୍ ଆଗ୍ରହ ସୃଷ୍ଟି



କରିପାରିଛି। କୃଷି ବୈଜ୍ଞାନିକଙ୍କ ମତରେ ଆଧୁନିକ ଚାଷ କୌଶଳ ଓ ଫସଲ ଚୟନ କୃଷକଙ୍କ ଆୟ ଚାରିଗୁଣା କରିପାରିବ।

## ଛତୁଚାଷର ଉଦ୍ୟୋଗିକରଣ ପାଇଁ ତାଲିମ୍ କାର୍ଯ୍ୟକ୍ରମ



ଆତ୍ମନିଯୁକ୍ତି ପାଇଁ ଛତୁଚାଷର ପ୍ରମୁଖ ଭୂମିକା ରହିଛି। କମ୍ ଦିନରେ ପାଖରେ ଥିବା କଞ୍ଚାମାଲ ଓ ଛତୁ ବିହନ ବ୍ୟବହାର କରି ଯୁବକ ଓ ଯୁବତୀମାନେ ରୋଜଗାର କରିପାରିବେ। ଏହି ପରିପେକ୍ଷୀରେ ଆମ କେନ୍ଦ୍ର ଦ୍ୱାରା ଗ୍ରାମୀଣ ଯୁବକ ଓ ଯୁବତୀମାନଙ୍କୁ ନେଇ ଛତୁ ଚାଷର ସ୍ୱଳ୍ପ ଉଦ୍ୟୋଗୀ କରଣ, ଉତ୍ପାଦନ ଓ ବିକ୍ରିବଟା ସମ୍ବନ୍ଧୀୟ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲ୍ଲାର ଖଇରିପୁଟ, ମାଲକାନଗିରି, କେରୁକୁଣ୍ଡା ବ୍ଲକ୍‌ରୁ ୪୦ଜଣ ଯୁବକ ଓ ଯୁବତୀ ଅଂଶଗ୍ରହଣ କରି ପାଳ, ଧିଙ୍ଗିରି ଓ ବୋତାମ ଛତୁ ଚାଷର ତାଲିମ ନେଇ ଏଗ୍ରିକଲଚର ସ୍କିଲ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ଏଏସ୍‌ସିଆଇ)ରୁ ମାନପତ୍ର ଗ୍ରହଣ କରିଥିଲେ। ଛତୁଚାଷର ବୈଷୟିକ ଓ ଧନ୍ଦାମୂଳକ ତାଲିମ୍ କାର୍ଯ୍ୟକ୍ରମ ଅନ୍ୟ ଯୁବପିଢ଼ିଙ୍କୁ ଉତ୍ସାହିତ କରିବାରେ ସଫଳ ହୋଇପାରିଛି।

## ସୁପ୍ରଭା କିସମ ରାଶିର କ୍ଷେତ୍ର ଦିବସ ପାଳନ



ଅଦ୍ୟ ତା.୦୬.୧୨.୨୦୨୪ ଦିନ କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି ଦ୍ୱାରା ରାଶି ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନର କ୍ଷେତ୍ର ଦିବସ ପାଳନ ଅବସରରେ କୋରକୁଣ୍ଡା ବ୍ଲକ୍ ଅନ୍ତର୍ଗତ ଏମ୍.ଭି.-୪୭ ଗ୍ରାମରେ ୭୦ଜଣ ତୈଳବୀଜ ଫସଲର କୃଷକ ଓ କୃଷିଜୀବୀ ମହିଳାଙ୍କ ସହିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସିଦ୍ଧାର୍ଥ କର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା କୃଷି ଉନ୍ନୟନ ଅଧିକାରୀ, ପଞ୍ଚାୟତ ତଥା ଗ୍ରାମର ମୁଖ୍ୟ ସଭ୍ୟ, ସରପଞ୍ଚ, କାରା ସଭାପତି, ଏମ୍.ଏଲ୍.ଏ., ସହଯୋଗୀ ଉଦ୍ୟାନ କୃଷି ଅଧିକାରୀ, କୋରୁକୁଣ୍ଡା, ୱାର୍ଡମେମ୍ବର ଏମ୍.ଭି.-୪୭, ଉପସ୍ଥିତ ରହି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ରାଶି କିସମ ସୁପ୍ରଭା ସ୍ମାରକ ଧଳା ରାଶି ସଂପର୍କରେ ଆଲୋଚନା ସହ କ୍ଷେତ୍ର ପ୍ରଦର୍ଶନ କରି ଅମଳ ଆକଳନ କରିଥିଲେ।

## ଶ୍ରମଲାଘବ ପାଇଁ କ୍ଷୁଦ୍ର କୃଷି ଯନ୍ତ୍ରପାତି

ମହିଳାମାନଙ୍କୁ ହେଉଥିବା ଅଧିକ ପରିଶ୍ରମକୁ ହ୍ରାସ କରିବା ପାଇଁ ଆମ କେନ୍ଦ୍ର ପକ୍ଷରୁ ଜିଲ୍ଲାର ୧୦୦ଜଣ କୃଷକ ଓ କୃଷିଜୀବୀ ଆଦିବାସୀ ମହିଳାଙ୍କୁ କ୍ଷୁଦ୍ର ଯନ୍ତ୍ରପାତି ଯଥା ମକାଛଡ଼ା ଯନ୍ତ୍ର, ଭେଣ୍ଡିତୋଳା ଯନ୍ତ୍ର, ଉନ୍ନତମାନର ଦାଆ, ରେକ୍, ଖୁରପି, ଆଜୋଲା କୁଣ୍ଡ, ଜିଆଖତ ପ୍ରସ୍ତୁତ କୁଣ୍ଡ ଆଦିର ବଣ୍ଟନ କରାଯାଇଛି। ଆଦିବାସୀ ଅଞ୍ଚଳ ତଣ୍ଡାପାଲି, ଖତିକା ଯୋଡ଼ି, ଦରିଗୁଡ଼ା, ପାକ୍‌ନାଗୁଡ଼ା,



ସିନ୍ଧିଭଟ୍ଟା ଅଞ୍ଚଳର ହିତାଧିକାରୀଙ୍କ ମତରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରୋତ୍ସାହିତ କ୍ଷୁଦ୍ର ଯନ୍ତ୍ରପାତି ଓ ଆଧୁନିକ ଖତ ପ୍ରସ୍ତୁତି କୁଣ୍ଡ ଦ୍ୱାରା ଚାଷରେ ହେଉଥିବା ପରିଶ୍ରମ ହ୍ରାସ ହୋଇପାରିଛି। ଏହାଛଡ଼ା ପ୍ରୋଟ୍ରେ ମାଧ୍ୟମରେ ଚାରା ପ୍ରସ୍ତୁତି ଚାରା ଜଗାରଖା କରିବା ଓ ଚାରା ବିସ୍ଥାପନ ସହଜ ହୋଇ ପାରିଛି।


## ଆମ ପରିବାର

**ମୁଖ୍ୟ ସଂପାଦକ:**
ଡଃ.ଦେବୀପ୍ରସାଦ ଦାଶ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସଂପାଦକ:**
ଡ. ସିଦ୍ଧାର୍ଥ କର, ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ସଂପାଦନାମଣ୍ଡଳୀ:**
ଶ୍ରୀ ଆତିସ୍ ମହେନ୍ଦ୍ର ମାନେ, ବୈଜ୍ଞାନିକ (ମତ୍ସ୍ୟବିଜ୍ଞାନ)
ଶ୍ରୀ ତନ୍ମୟ କୁମାର ବେହେରା (କ୍ଷେତ୍ର ପରିଚାଳକ)
ଶ୍ରୀ ସୁଦିପ୍ତ ରଞ୍ଜନ ରାଉତ, ପି.ଏ., (କମ୍ପ୍ୟୁଟର)
ଶ୍ରୀ ବାବୁଲି ସାହୁ, (କ୍ଷିପ୍ର ଲେଖକ)

This News letter is Printed, Published & Owned by Sr. Scientist & Head, KVK, Malkangiri, At: Tahasil, PO/Dist. Malkangiri, Pin-764045, Odisha, Email: kvk.malkangiri@ouat.ac.in, Website: www.kvkmalkangiri.org
Printed at: Ankita Graphics, BBSR, Cell:9437077337

**Editor:** Dr. Sidhartha Kar
**Chief Editor:** Dr. Debiprasad Dash

2025010413
OUAT Publication: No. 2025010413